ଜୟ ଜୟ ଯୀଶୁ ଜୟ
ଜୟ ଜୟ ମୃତ୍ୟୁଞ୍ଜୟ
ଜୟ ପିତା ପୁତ୍ର ଜୟ ଜୟ
ଜୟ ପବିତ୍ରାତ୍ମା ଜୟ ଜୟ

ବିଶ୍ୱ ସ୍ରଷ୍ଟା ପିତା ପରମେଶ୍ୱର
ମଙ୍ଗଳମୟ ପ୍ରେମ ପାରାବାର
ନିତ୍ୟ ପରାତ୍ପର ଜୀବନ ଆକାର
ଜୟ ପ୍ରେମମୟ ଜୟ ଜୟ
ଜୟ ବିଶ୍ୱ ପିତା ଜୟ ଜୟ

ପ୍ରେମ ଅବତାର ଈଶ ନନ୍ଦନ
ମୁକ୍ତି ପଥ ସତ୍ୟ ଜୀବନ
କଲୁଷହାରି ପତିତପାବନ
ଜୟ ଯୁବାମେଷ ଜୟ ଜୟ
ଜୟ ଈଶସୁତ ଜୟ ଜୟ

ପବିତ୍ର ଆତ୍ମା ଚିର ସହାୟକ
ପାପ ପୂଣ୍ୟ ବୋଧଦାୟକ
ସ୍ୱର୍ଗୀୟ ଶାନ୍ତି ଶକ୍ତିଦାୟକ
ଜୟ ଜ୍ୟୋତିର୍ମୟ ଜୟ ଜୟ
ଜୟ ପବିତ୍ରାତ୍ମା ଜୟ ଜୟ